# ଗୋପାଳପୁର ସମୁଦ୍ରରେ ବୁଡ଼ି ଯାଉଥିବା ପର୍ଯ୍ୟଟକ ଉଦ୍ଧାର

ବ୍ରହ୍ମପୁର,୧୨।୮ (ସମିସ): ଗୋପାଳପୁର ସମୁଦ୍ରରେ ଜଣେ ପର୍ଯ୍ୟଟକ ବୁଡ଼ି ଯାଉଥିବା ବେଳେ ଉପସ୍ଥିତ ଲାଇଫ୍‌ଗାର୍ଡ ଉଦ୍ଧାର କରିଛନ୍ତି। ସୋରଡ଼ା ଅଞ୍ଚଳର ରାକେଶ କୁମାର ଜେନାଙ୍କ ସମେତ ୩ ଜଣ ଗୋପାଳପୁର ବୁଲିବାକୁ ଆସି ସିସାଇଡ ବିଚ୍ ନିକଟ ବେଳାଭୂମିରେ ଗାଧୋଉ ଥିବାବେଳେ ଅସାବଧାନତା ହେତୁ ରାକେଶ ସମୁଦ୍ରର ପ୍ରାୟ ୧ଶହ ମିଟର ଭିତରକୁ ଚାଲି ଯାଇଥିଲେ। ଖବର ପାଇ ବେଳାଭୂମିରେ ନିୟୋଜିତ ଲାଇଫଗାର୍ଡ ଜି. ଚିଟି ବାବୁ, ଜି.କାଳୀ ଶଙ୍କର ପହଞ୍ଚି ସ୍ଥାନୀୟ ଲୋକ ଓ ପୁଲିସଙ୍କ ସହାୟତାରେ ଉଦ୍ଧାର କରିଥିଲେ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୁବ ଦିବସ



ବ୍ରହ୍ମପୁର,୧୨।୮ (ସମିସ): ପୁରୁଣା ବ୍ରହ୍ମପୁର ସ୍ଥିତ ମାଲୁଆଣୀ ମନ୍ଦିର ପରିସରରେ ମେରା ଯୁବ ଭାରତ ଓ ମହାତ୍ମା ଗାନ୍ଧୀ ୟୁଥ୍ କ୍ଲବ୍ ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ବିନୋଦ ସାବତଙ୍କ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରଣବ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଜଲ୍ଲି ପାଣିଗ୍ରାହୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କୁ ନେଇ ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମହାମାୟୀ ମହିଳା ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ଏବଂ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ଆନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ନିବେଦିତା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ରେଡ୍‌କ୍ରସ୍ ସଂଯୋଜିକା ଡ. ସ୍ୱର୍ଣ୍ଣଲତା ପଟ୍ଟନାୟକ ଓ ସୁରଭି ଗଉଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବହୁ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ନଗର ପରିକ୍ରମା କରି ଏଡସ୍ ଏବଂ ସଂକ୍ରାମକ ରୋଗର ନିରାକରଣ ଦିଗରେ ସଚେତନତା କରିଥିଲେ।

# ପ୍ରେମିକା ଫଟୋ ଭାଇରାଲ୍ କରି ପ୍ରେମିକ ଗିରଫ

ବ୍ରହ୍ମପୁର,୧୨।୮ (ସମିସ): ପ୍ରେମିକାର ଫୋଟ ଭାଇରାଲ୍ କରି ପ୍ରେମିକ ଗିରଫ। ଗିରଫ ପ୍ରେମିକ ହେଲେ ବର୍ତ୍ତମାନ ହିଞ୍ଜିଳିକାଟୁ ସିକିରିରେ ରହୁଥିବା ସୁଶାନ୍ତ ପ୍ରଧାନ (୩୬)। ସେ ଜଣେ ଡ୍ରାଇଭର ହୋଇଥିବା ବେଳେ ତାଙ୍କ ନିଜ ଘର କୋରାପୁଟ ଜିଲ୍ଲାର ଗାନ୍ଧୀନଗର। ହିଞ୍ଜିଳି ଥାନା ଅଞ୍ଚଳର ଜଣେ ୨୪ ବର୍ଷୀୟ ମହିଳା ବର୍ତ୍ତମାନ ବ୍ରହ୍ମପୁରର ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟରତ। ଅଭିଯୁକ୍ତ ଓ ସମ୍ପୃକ୍ତ ମହିଳାଙ୍କ ଘରୋଇ ସମ୍ପର୍କ ରହିଛି। ମହିଳାଙ୍କ ସହମତିରେ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପ୍ରାୟ ଦୁଇ ବର୍ଷ ପୂର୍ବେ ଅଭିଯୁକ୍ତ ତାଙ୍କ ମୋବାଇଲ୍ ଫୋନ୍‌ରେ ସେମାନଙ୍କ ବ୍ୟକ୍ତିଗତ ମୁହୂର୍ତ୍ତଗୁଡ଼ିକର ଭିଡ଼ିଓ ରେକର୍ଡ କରିଥିଲେ। ପରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଫଳରେ ଗତ କିଛି ମାସ ହେଲା ଉଭୟଙ୍କ ମଧ୍ୟରେ କୌଣସି ସମ୍ପର୍କ ନଥିଲା। ଶ୍ରାବଣ ମାସରେ ଅଭିଯୁକ୍ତ ସମ୍ପୃକ୍ତ ମହିଳାଙ୍କ ଗ୍ରାମକୁ ପୂଜା କରିବାକୁ ଆସିଥିଲେ। ଏଠାରେ ସେ ପୀଡିତାଙ୍କ ବ୍ୟକ୍ତିଗତ ଭିଡ଼ିଓକୁ ତାଙ୍କ ବନ୍ଧୁମାନଙ୍କ ହ୍ୱାଟ୍ସଆପ୍‌ରେ ସେୟାର କରିଥିଲେ। ଏ ନେଇ ତାଙ୍କ ଗାଁର ଜଣେ ବନ୍ଧୁ ପୀଡ଼ିତାଙ୍କୁ ଜଣାଇଥିଲେ ଏବଂ ଭିଡିଓଟି ସେୟାର କରିଥିଲେ। ତା'ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଘଟଣାକୁ ନେଇ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି।

## ଏଡସ୍ ଓ ଯୌନ ସଂକ୍ରମଣ ନିରାକରଣ ପାଇଁ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଅଭିଯାନ ଶୁଭାରମ୍ଭ

# 'ସଶକ୍ତ, ସୁରକ୍ଷିତ ଓ ସୁସ୍ଥ ଓଡ଼ିଶା ଗଠନ ଯୁବପିଢ଼ିଙ୍କ ଦାୟିତ୍ୱ'

ବ୍ରହ୍ମପୁର,୧୨।୮ (ସମିସ)






ଏମ୍‌କେସିଜି ମେଡ଼ିକାଲ ଓ ହସ୍ପିଟାଲ ପ୍ରେକ୍ଷାଳୟରେ ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ଅନ୍ତର୍ଜାତୀୟ ଯୁବ ଦିବସଅବସରରେ ଏଡ୍‌ସ୍ ଓ ଯୌନ ସଂକ୍ରମଣ ନିରାକରଣ ପାଇଁ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଏହି ସ୍ୱତନ୍ତ୍ର ଅଭିଯାନକୁ ଶୁଭାରମ୍ଭ କରି କହିଥିଲେ ଯେ, ଏଚ୍‌ଆଇଭି ନିରାକରଣ ଏବଂ ସୁସ୍ଥ ଆଚରଣ ଯୁବ ନେତୃତ୍ୱଙ୍କ କର୍ତ୍ତବ୍ୟ। ଏହାର ପ୍ରଚାର ପ୍ରସାର ପାଇଁ ଜିଲ୍ଲାସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଓ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସଚେତନତା ଶିବିର ଏବଂ ଲୋକନୃତ୍ୟ ଜରିଆରେ ପ୍ରସାର ପ୍ରଚାର କରାଯିବ। ଯୁବାବର୍ଗଙ୍କୁ ସଚେତନ କରାଇବାକୁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଯୁବପିଢ଼ି ରାଜ୍ୟର ମେରୁଦଣ୍ଡ ଏବଂ ସଶକ୍ତ ଓଡ଼ିଶା, ସୁରକ୍ଷିତ ଓଡ଼ିଶା ଓ ସୁସ୍ଥ ଓଡ଼ିଶା ଗଠନ ଏମାନଙ୍କ ଦାୟିତ୍ୱ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

ସେ କହିଥିଲେ ଯେ, ଏହି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅଗଷ୍ଟ ୧୨ରୁ ଆରମ୍ଭ ହୋଇ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଚାଲିବ। ସଂକଳ୍ପ ନେବା, ରୋଗକୁ ଦୂରେଇ ଦେବା, ରୋଗୀଙ୍କୁ ନୁହେଁ। ଏହା ସହ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଘୃଣା ଦୃଷ୍ଟିରେ ନଦେଖି ସେମାନଙ୍କୁ ବଞ୍ଚିବାର ନୂଆ ରାସ୍ତା ଦେବା, ବିଶ୍ୱାସ ଓ ଭରସା ଦେଇ ଉତ୍ସାହିତ କରିବା। ଅଧିକରୁ ଅଧିକ ଲୋକଙ୍କୁ ସଚେତନ କରାଇବା ସହ ଏହି ଅଭିଯାନକୁ ଆହୁରି ବ୍ୟାପକ କରିବା ପାଇଁ ମନ୍ତ୍ରୀ ସମସ୍ତ ଯୁବକଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଓ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡ଼ା. ସନ୍ତୋଷ କୁମାର ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଶାନ୍ତ କୁମାର ନାୟକ, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଅଧ୍ୟକ୍ଷ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଓ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଗଞ୍ଜାମ ନେଟୱାର୍କ ଫର ପିପୁଲ ଲିଭିଂ ୱିଥ ଏଚଆଇଭି ଆଣ୍ଡ ଏଡ଼ସ ସଂଗଠନର ଜଣେ କର୍ମକର୍ତ୍ତା ରୋଗ ଏବଂ ସମାଜରେ ରୋଗୀଙ୍କୁ ନେଇ ରହିଥିବା ଘୃଣ୍ୟ ବ୍ୟବସ୍ଥା ସମ୍ପର୍କରେ ମଞ୍ଚରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଟିଭି ସଂଯୋଜକ ସୁଧୀର ରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବେଲୁନ ଉଡ଼ାଣ ଓ ହସ୍ତାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଡିପିଏମ ଦୁଲୁନାଥ ସାହୁ, ବିଜେପି ଜିଲ୍ଲା ସଭାପତି ସରୋଜ ସାବତଙ୍କ ସମେତ ଏମ୍‌କେସିଜି ମେଡ଼ିକାଲ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ବିଇଏମ୍‌ସିର ତ୍ରିରଙ୍ଗା ମେଳା



ବ୍ରହ୍ମପୁର,୧୨।୮ (ସମିସ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପକ୍ଷରୁ ତ୍ରିରଙ୍ଗା ମେଳା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନ ପରିସରରେ "ହର ଘର ତିରଙ୍ଗା- ହର ଘର ସ୍ୱଚ୍ଛତା' ଅଭିଯାନ ମାଧ୍ୟମରେ ତ୍ରିରଙ୍ଗା ମେଳା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ମେୟର ସଂଘମିତ୍ରା ଦଳେଇ ଉଦ୍‌ଘାଟନ କରିଥିବା ବେଳେ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଏବଂ ଡେପୁଟି ମେୟର ବିବେକ ରେଡ଼ି ଉପସ୍ଥିତ ଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ପ୍ରଥମ ଦିନରେ ଅନେକ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ୱଚ୍ଛତା ବ୍ରାଣ୍ଡ ଆମ୍ବାସଡ଼ର ଆନ୍ନା କମେଡ଼ିର ମଧୁସୂଦନ ମିଶ୍ର ଅଫର (ମଧୁ-ଆନ୍ନା) ଯୋଗଦେଇ ହାସ୍ୟାଭିନୟରେ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ପରିବେଶକୁ ପରିଷ୍କାର ରଖିବା ସହିତ ରୋଗକୁ ଦୂରେଇବାକୁ ପରାମର୍ଶ ଦେଇଥିଲେ। ସ୍ୱଚ୍ଛତା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କଳସରେ ତ୍ରିରଙ୍ଗା ପ୍ରଦର୍ଶିତ ହୋଇଥିଲା। ସେହିଭଳି ଗଞ୍ଜାମ ଜିଲ୍ଲାର ଦର୍ଶନୀୟ ସ୍ଥାନ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋ ପ୍ରଦର୍ଶନ ହୋଇଥିଲା। ଶିଶୁମାନଙ୍କ ମଧ୍ୟରେ ରାମ୍ପ୍ ସୋ', ଦେଶାତ୍ମୋବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ଶ୍ରେଷ୍ଠଙ୍କୁ ପୁରସ୍କୃତ କରାଯାଇଥିଲା। ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କ ସମେତ ବହୁ କର୍ପୋରେଟର ଏବଂ ମହାନଗର ନିଗମର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସବୁଜ ବାହିନୀ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ

ବ୍ରହ୍ମପୁର,୧୨।୮ (ସମିସ)

ସବୁଜ ବାହିନୀ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ଅବସରରେ ହାତୀମାନଙ୍କ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର ଯୋଗଦେଇ ହାତୀର ସୁରକ୍ଷା ଓ ତାଳ ଗଛର ଆବଶ୍ୟକତା ଉପରେ ଲୋକମାନଙ୍କୁ ସଚେତନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବଢ଼ପଲ୍ଲି ସରପଞ୍ଚ କାମିନୀ ନାୟକ ଯୋଗଦେଇ ସ୍ଥାନୀୟ ଜଙ୍ଗଲରେ ଆଗକୁ କିଭଳି ଆହୁରି ଅଧିକରୁ ଅଧିକ ତାଳ ଗୋଟମା ରୋପଣ କରାଯାଇପାରିବ ଚେଷ୍ଟା କରାଯିବ ବୋଲି କହିଥିଲେ। ବ୍ରହ୍ମପୁର ଉପକଣ୍ଠ ବରପଲ୍ଲୀ ଗ୍ରାମବାସୀଙ୍କୁ ନେଇ "ହାତୀଙ୍କ ପାଇଁ ତାଳ ଗଛ ପୃଥିବୀ ପାଇଁ ସୁରକ୍ଷା କବଚ' ନାମକ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସବୁଜ ବାହିନୀ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର୍ ପାତ୍ର, ସମାଜସେବୀ ଟୁନା ନାୟକ, ଷ୍ଟେପ ଅନ ନେଚର ପ୍ରତିଷ୍ଠାତା ସ୍ୱାଧୀନ ସାହୁ, ଏ. ପ୍ରକାଶ, ପି. ବିନୋଦ, ଅଜୟ କୁମାର ସାହୁ, ପ୍ରବୀଣ ନାୟକ, ଆକାଶ ରାଉତ, ଗଣେଷ ପାଣିଗ୍ରାହୀ, କିରଣ କୁମାର୍, ଅନିଲ ଚୌଧୁରୀ ଓ ବିଜେନ୍ଦ୍ର ମାଝୀ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।




# ସେବାନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ବୈଠକ

ବ୍ରହ୍ମପୁର,୧୨।୮ (ସମିସ): ଗେଟ୍‌ବଜାର ସ୍ଥିତ ଏନ୍‌ଜିଓ ହଲରେ ଓଡ଼ିଶା ସେବା ନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଶାଖାର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂପାଦକ ଆଶୋକ କୁମାର ଦଳାଇ ଯୋଗଦେଇ ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ପେନ୍‌ସନ୍ ବିଷୟରେ ଆଲୋଚନା କରିଥିଲେ। ଏକ ପ୍ରତିନିଧି ଦଳ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଏବଂ ପେନସନ୍ ସଂକ୍ରାନ୍ତରେ ଆଲୋଚନା କରିବା ନିମନ୍ତେ ବୈଠକରେ ସ୍ଥିର କରାଗଲା। ଆସନ୍ତା ସେପଟେମ୍ବର ୯ରେ ରାଞ୍ଚି ଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବ ଭାରତୀୟ ପେନସନର୍ସ ଫେଡେରେସନର କାର୍ଯ୍ୟକାରୀ ବୈଠକରେ ରାଜ୍ୟ ସମ୍ପାଦକ



ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ପ୍ରତିନିଧି ଭାବରେ ଯୋଗଦେବେ ବୋଲି ନିଷ୍ପତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ଗଞ୍ଜାମ ଜିଲ୍ଲା ଉପଦେଷ୍ଟା କାମରାଜୁ ମହାରଣା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବିଭୂତି ଭୂଷଣ ଜେନା, ରାଜେନ୍ଦ୍ର ପଣ୍ଡା, ଉପସଭାପତି ସୁବାସ ମିଶ୍ର, ସହ ସଂପାଦକ ମିହିର ମହାପାତ୍ର, ବିଜୟ ଚନ୍ଦ୍ର ମହାରଣା ଓ ସମୀର ଆଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗଞ୍ଜାମରେ ସ୍ୱାସ୍ଥ୍ୟସେବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

# 'ସ୍ୱାସ୍ଥ୍ୟସେବା ସୁଦୃଢ଼ ନିମନ୍ତେ ପ୍ରତିମାସରେ ବୈଠକ ନିର୍ଦ୍ଦେଶ'



ବ୍ରହ୍ମପୁର,୧୨।୮ (ସମିସ)

ଦିନିକିଆ ଗଞ୍ଜାମ ଗସ୍ତରେ ଆସି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଜିଲ୍ଲା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ଅବସରରେ ଏମ୍‌କେସିଜି ମେଡ଼ିକାଲ ଓ ହସ୍ପିଟାଲରେ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସମୀକ୍ଷା କରିଥିଲେ। ଏମ୍‌କେସିଜି ହସ୍ପିଟାଲ ପରିସରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ବିଭିନ୍ନ ଯୋଜନାର ସଫଳ ରୂପାୟନ, ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଆବଶ୍ୟକୀୟ ଭିତ୍ତିଭୂମି, ମାନବ ସମ୍ବଳ, ଆଧୁନିକ ଉପକରଣ ଇତ୍ୟାଦି ଯୋଗାଣକୁ ବିଭାଗ ପକ୍ଷରୁ ଚେଷ୍ଟା ଜାରି ରହିଛି, ମେଡ଼ିକାଲକୁ ଆହୁରି ଉନ୍ନତ କରିବାକୁ ଆଗାମୀ ଦିନରେ ନିଶ୍ଚିତ ଭାବେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଆଗାମୀ ଦୁଇ ବର୍ଷରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଁଏ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରିବାର ଲକ୍ଷ୍ୟ ରହିଥିବା ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ସହରରେ ଥିବା ଅନେକ ଘରୋଇ ନର୍ସିଂହୋମ ଓ ଡ଼ାଏଗ୍ନୋଷ୍ଟିକ ସେଣ୍ଟରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସାମଗ୍ରୀ ବ୍ୟବହାର ହେଉଥିବା ବୈଠକରେ ଦାବି ହୋଇଥିଲା। ମେଡ଼ିକାଲରେ କାର୍ଯ୍ୟରତ ଅନେକ କର୍ମଚାରୀ ହିଁ ନର୍ସିଂହୋମ ଓ ଡ଼ାଏଗ୍ନୋଷ୍ଟିକ ସେଣ୍ଟରରେ କାର୍ଯ୍ୟକରୁଥିବା ଅଭିଯୋଗ ହୋଇଥିଲା। ଏହା ସହ ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗର ସମ୍ପ୍ରସାରଣ, ଏମକେସିଜି ମେଡ଼ିକାଲରେ ନବଜାତ ଶିଶୁଙ୍କ ପାଇଁ ନ୍ୟୁବର୍ଣ୍ଣ ସ୍କ୍ରିନିଂ(ଏନବିଏସ) ରକ୍ତ ପରୀକ୍ଷାର ବ୍ୟବସ୍ଥା ରହିଥିବା ବେଳେ ଲାବ୍ ଟେକ୍ନିସିଆନ(ଏଲ୍‌ଟି) ନଥିବାରୁ ନବଜାତଙ୍କ ରକ୍ତ ନମୁନା ସଂଗ୍ରହ କରିବାରେ ସମସ୍ୟା ରହିଛି। ତେଣୁ ଏକ ଏଲ୍‌ଟିଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଥିଲା। ବିଭିନ୍ନ ବର୍ଗର କର୍ମଚାରୀ କାର୍ଯ୍ୟରତ ସମୟରେ ୟୁନିଫର୍ମ ପରିଧାନ କରିବାକୁ କୁହାଯାଇଥିଲା। ସେହିପରି ମୃତ ଶରୀର ଦାନ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପାତ୍ରପୁର ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଦର୍ଶାଇ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନକୁ ଏହି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଛନ୍ତି। ଅନେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ରହଣୀ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ପ୍ରଦାନ କରିବା ସହ ବିଭିନ୍ନ ବିଭାଗର ସମନ୍ୱୟରେ ତୃଣମୂଳସ୍ତରରୁ ସ୍ୱାସ୍ଥ୍ୟବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏଠାରେ ଆହ୍ୱାନ ଦିଆଯାଇଛି। ଏମକେସିଜି ମେଡ଼ିକାଲ ଓ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗି ରହିଥିବା ସମସ୍ୟାକୁ ସମାଧାନ କରିବାକୁ ବୈଠକରେ ଦାବି ହୋଇଥିଲା। ସ୍ୱାସ୍ଥ୍ୟସେବା ସୁଦୃଢ଼ ନିମନ୍ତେ ଜିଲ୍ଲା ପ୍ରଶାସନ ସହିତ ପ୍ରତିମାସରେ ସମୀକ୍ଷା ବୈଠକ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକର ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଅଧ୍ୟକ୍ଷ ପ୍ରଫେସର ଡ଼ା. ସୁଚିତ୍ରା ଦାଶ, ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଶାନ୍ତ କୁମାର ନାୟକ ଓ ସିଟି ହସ୍ପିଟାଲ ଅଧୀକ୍ଷକ ଡ଼ା. ବିଶ୍ୱମ୍ଭର ବେହେରାଙ୍କ ସମେତ ଏମକେସିଜି ମେଡିକାଲ ଓ ଜିଲ୍ଲାର ବହୁ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଆପାର୍ଟମେଣ୍ଟରୁ ହୀରାମୁଦି ସହ ଅଳଙ୍କାର ଚୋରି

ବ୍ରହ୍ମପୁର,୧୨।୮ (ସମିସ): ଟାଉନ ଥାନା ଅନ୍ତର୍ଗତ ସ୍ପେକ୍ଟ୍ରମ ଜ୍ୟୋତି ଆପାର୍ଟମେଣ୍ଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ହୀରା ମୁଦି ସହ ନଗଦ ଟଙ୍କା ଓ ଅଳଙ୍କାର ଲୁଟ ହୋଇଛି। ଲୁଟ୍ ପଛରେ ଉକ୍ତ ଘରେ କାର୍ଯ୍ୟ କରୁଥିବା ପରିଚାରିକା ଓ ତାଙ୍କ ସ୍ୱାମୀ ତଥା ସେହି ଆପାର୍ଟମେଣ୍ଟରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କ ହାତ ଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ୍ ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାପ୍ରକାରେ, ଏହି ଆପାର୍ଟମେଣ୍ଟର ୧୦୬ ନମ୍ବର ରୁମରେ ସ୍ମୃତି ଶୁଭଦର୍ଶନ ସ୍ୱାଇଁ ଓ ତାଙ୍କ ପତ୍ନୀ ରହୁଛନ୍ତି। ଉଭୟ ଚାକିରି କରୁଥିବାରୁ ରୁମ୍‌ରେ ତାଲା ପକାଇ କାମରେ ଯିବାବେଳେ ସୁରକ୍ଷାକର୍ମୀଙ୍କୁ ଚାବି ହସ୍ତାନ୍ତର କରି ଯାଇଥିଲେ। କାମରୁ ଫେରିବା ପରେ ଘର ଭିତର ରଖାଯାଇଥିବା ବିଭିନ୍ନ ଅଳଙ୍କାର ଗାଏବ ରହିଥିବା ଶୁଭଦର୍ଶନ ଦେଖି ପରିଚାରିକାଙ୍କୁ ପଚାରିବାରେ ସେ ସନ୍ତୋଷ ଜନକ ଉତ୍ତର ଦେଇନଥିଲେ। ଏହାପରେ ଶୁଭଦର୍ଶନ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଘର ଭିତରୁ ନଗଦ ୭୫ ହଜାର ଟଙ୍କା ସହ ଏକ ହୀରା ମୁଦି, ଏକ ସୁନା ଲକେଟ, ରୂପା ପାଉଁଜି ଓ ରୁପା ମୁଦ୍ରା ଚୋରି ହୋଇଥିବା ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।


**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokharipur, Bhubaneswar-751020.
**Statement of Financial Results For the Quarter Ended 30th June 2025**
(Rs.in Lakhs)

| Sl. No. | Particulars | Quarter Ended 30.06.2025 (Reviewed) | Quarter Ended 30.06.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 2362.05 | 1248.11 | 6260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 415.91 | 336.55 | 6260.56 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 415.91 | 336.55 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 276.53 | 246.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 276.53 | 246.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,903.76) | (21,427.19) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.32 | 0.28 | 0.50 |
| | (ii) Diluted | 0.32 | 0.28 | 0.50 |

1. The above results of the Company were approved by the Board of Directors at their respective meetings held on 11.08.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Bengaluru
Date: 11th August, 2025

# ପଦାସାହି ରାସ୍ତାରେ ହାତୀ; ଅଞ୍ଚଳବାସୀ ଭୟଭୀତ

## ୩ ମଣିଷ ଓ ୫ ଗୋରୁ ମାରିବା ପରେ ଅଞ୍ଚଳରେ ଆତଙ୍କ

ଜି.ଉଦୟଗିରି,୧୨।୮ (ସମିସ)



କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ହାତୀ ଲୋକଙ୍କୁ ନାକେଦମ କରି ରଖିଥିବା ବେଳେ ଏକାଧିକ ଜୀବନ ନେଲାଣି। ଫଳରେ ହାତୀ ଭୟରେ ଲୋକେ ବାହାରକୁ ବାହାରିବାକୁ ଭୟ କରୁଥିବାବେଳେ ପେଟକୁ ଦାନା ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଲାଣି। ହାତୀ ଉପଦ୍ରବର ସ୍ଥାୟୀ ସମାଧାନ ଖୋଜିବାକୁ ଲାଗିଛନ୍ତି। ଦୀର୍ଘଦିନ ହେଲା ଆନ୍ଦୋଳନ ପ୍ରତିବାଦ ପରେ ବି ବନବିଭାଗ ପ୍ରଭାବିତଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ଆସନ୍ତା ଶନିବାର ଜି.ଉଦୟଗିରି ଓ କଳିଙ୍ଗା ବନ୍ଦ ଡାକରା ଦେଇଛନ୍ତି ପ୍ରଭାବିତ। ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ୫ ଗାଇଗୋରୁଙ୍କ ଜୀବନ ମଧ୍ୟ ଗଲାଣି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୋଟିଏ ପଟେ ଯେତିକି ଆନ୍ଦୋଳନ ବଢୁଛି ହାତୀ ସେତିକି ସହର ମୁହାଁ ହେବାରେ ଲାଗିଛି। ରବିବାର ଦିନ ସୁଜେଇଲିରେ ହାତୀ ଏକ ଗାଈକୁ ଆକ୍ରମଣ କରି ଗୁରୁତର କରିଥିବା ବେଳେ ସୋମବାର ଦିନ ରାତି ସାଢ଼େ ୯ଟାରେ ପଦାସାହି ରାଜା ରାସ୍ତାରେ ବୁଲୁଥିବା ଦେଖି ଭୟଭୀତ ଅବସ୍ଥାରେ ଲୋକେ ରାତି କାଟିଥିଲେ। ସ୍ଥାନୀୟ ଲୋକ ମିଳିମିଶି ହାତୀ ଘଉଡ଼ାଇଥିଲେ। କଳିଙ୍ଗା ଜି.ଉଦୟଗିରି ରାସ୍ତାରେ ପଣସବାଙ୍କରେ ସକାଳେ ଯାତ୍ରୀବାହୀ ବସ୍‌କୁ ରୋକିବା, ରାଇପଦାରେ ଅପରାହ୍ଣରେ ରାସ୍ତାରେ ହାତୀ ବୁଲୁଥିବା କାରଣରୁ ଏକ ଘଣ୍ଟା ଯାତାୟାତ ପ୍ରଭାବିତ ହୋଇଥିଲା। ଗତକାଲି ରାତିରେ ହାତୀ ରାସ୍ତା ଉପରେ ବୁଲିବା ଦେଖି ପଥଚାରୀ ଭୟଭୀତ ହୋଇ ପଡିଥିଲେ। ଛୋଟ ଗାଡି, ବାଇକରେ ଲୋକେ ଯାତାୟାତ କରିବାକୁ ଡରୁଥିବା ବେଳେ ସନ୍ଧ୍ୟା ହେଲେ ରାସ୍ତାଘାଟ ଶୁନ୍‌ଶାନ୍ ହୋଇଯାଉଛି। ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ଲୋକଙ୍କ ଦାବି ପ୍ରତି ଦୃଷ୍ଟି ଦେଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଗଜପତିର ଯୁବ ଉଦ୍ୟୋଗୀ ରାଜ୍ୟସ୍ତରରେ ପୁରସ୍କୃତ



ପାରଳାଖେମୁଣ୍ଡି,୧୨।୮ (ସମିସ): ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଯୁବ ଉଦ୍ୟୋଗୀ ଅଭିନାଶ ବୋରିଗି ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରର ନ୍ୟୁ କ୍ରିଷ୍ଟେଲ କ୍ରାଉନ ହୋଟେଲରେ ଅନୁଷ୍ଠିତ ଉଦ୍ୟୋଗୀ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କଠାରୁ "ଓଡିଶାର ଯୁବ ପ୍ରତିଶ୍ରୁତିବଦ୍ଧ ଉଦ୍ୟୋଗୀ' ପୁରସ୍କାର ଗ୍ରହଣ କରିଥିଲେ ଅଭିନାଶ। ଅଭିନାଶ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠରେ ଏକ ଆଲମିରା ଫ୍ୟାକ୍ଟ୍ରି କରିଛନ୍ତି। ଗଜପତି ଜିଲ୍ଲାରେ ଶିଳ୍ପ ଅଭିବୃଦ୍ଧି ଏବଂ ପ୍ରୋତ୍ସାହନରେ ତାଙ୍କର ଅବଦାନ, ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀତାକୁ ଉନ୍ନତ କରିବାକୁ ପଦକ୍ଷେପ ନେବା ଓ ଓଡ଼ିଶା କ୍ଷୁଦ୍ର ମଧ୍ୟମ ଉଦ୍ୟୋଗୀ ଗଜପତି ଶାଖାର ସଭାପତି ଭାବେ ଜିଲ୍ଲାର ଶିଳ୍ପ ବିକାଶରେ ତାଙ୍କ ସକ୍ରିୟ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ଓ ପ୍ରଶଂସାପତ୍ର ମିଳିଛି। ଏହା ଗଜପତି ଭଳି ଏକ ଆକାଂକ୍ଷୀ ଜିଲ୍ଲାରେ ଏକ ପ୍ରକୃତ ପ୍ରଶଂସନୀୟ ସଫଳତା ବୋଲି କୁହାଯାଉଛି।

## ପଥର ଖଣି ପାଇଁ ଜନଶୁଣାଣି



ଗୋଷାଣି,୧୨।୮ (ସମିସ): ଗୋଷାଣି ବ୍ଲକ କତଲକଇଠା ପଞ୍ଚାୟତ ସଭାଗୃହରେ ପର୍ଶୁରାମପୁର ପଥର ଖଣି-୧ର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ପର୍ଶୁରାମପୁର ଗ୍ରାମରେ ୨.୦୨୩ ହେକ୍ଟର ପରିମିତ ଅଞ୍ଚଳରେ ଏହି ପଥର ଖଣି ରହିଥିବା ବେଳେ କ୍ଲଷ୍ଟର ଆପ୍ରୋଚ୍ ଅନ୍ତର୍ଗତ ବାର୍ଷିକ ଉକ୍ତ ଖଣିରୁ ୪ ହଜାର ୩୬ ଘନ ମିଟର ପଥର ଉତ୍ତୋଳନ କରିବା ନିମନ୍ତେ ଏହି ଶୁଣାଣି ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାୟଗଡ଼ ଆଞ୍ଚଳିକ କାର୍ଯ୍ୟାଳୟର ରିପୁ କୁମାର ସାହୁ ଶୁଣାଣିରେ ପରିଚାଳନା କରିଥିଲେ। ଏହି ଖଣିକୁ ନେଇ କାହାର କିଛି ଅଭିଯୋଗ ରହିଥିଲେ ଜଣାଇବାକୁ କହିଥିଲେ। ଉକ୍ତ ଜନଶୁଣାଣିରେ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହିଥିଲେ ମଧ୍ୟ କେହି ଅଭିଯୋଗ କରିନଥିଲେ। ତେବେ ରାଜ୍ୟ ଓ ଦେଶର ଆର୍ଥିକ ଅଭିବୃଦ୍ଧି ପାଇଁ ଏହି ପଥର ଖଣିର ରାଜସ୍ୱ ସହାୟକ ହେବା ସହ ଅଞ୍ଚଳବାସୀଙ୍କ ଉପାର୍ଜନର ଉତ୍ସ ପାଲଟିବ ପାରିବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଶ୍ରୀ ସାହୁ କହିଥିଲେ। ଶୁଣାଣିରେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ସହକାରୀ ଜିଲ୍ଲାପାଳ ମଧୁଲିକା ପାତ୍ର ଓ କତଲକଇଠା ସରପଞ୍ଚ ଏସ୍.ଲିଙ୍ଗରାଜୁ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ପରିଚାଳନା କରିବାକୁ ବହୁ ପୁଲିସ କର୍ମଚାରୀ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ମୁତୟନ ହୋଇଥିଲେ।

## ରାୟଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ରାୟଗଡ,୧୨।୮ (ସମିସ): ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ଶିକ୍ଷା ବିକାଶ ସମିତି, ଦକ୍ଷିଣ ପୂର୍ବ ସମ୍ଭାଗ, ପାରଳାଖେମୁଣ୍ଡି ସଂକୁଳ ଆନୁକୂଲ୍ୟରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରସାଦ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ମେଳାରେ ମୁଖ୍ୟଅତିଥି ଭାବେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଲକା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅନୁଷ୍ଠାନର ଉପସଭାପତି ଘାସି ପାଇକ ଓ ଯୁଗ୍ମ ସମ୍ପାଦକ ଯୁଧିଷ୍ଠିର ସାହୁ ଉପସ୍ଥିତ ଥିଲେ। ଏଥିରେ ଶିଶୁ ଓ ବାଲ୍ ବର୍ଗର ବିଭିନ୍ନ ପ୍ରକାରର ୧୬୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସରକାରୀ ବିଦ୍ୟାଳୟର ୧୧ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ୨୬ଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ବେଳେ ୨୩ ଜଣ ଦ୍ୱିତୀୟ ସ୍ଥାନ, ୨୫ ଜଣ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିଶୁ ବର୍ଗର ୪ ଜଣ ଓ ବାଲ ବର୍ଗର ୪ ଜଣ ମୋଟ ୮ ଜଣ ସଂକୁଳସ୍ତରକୁ ମନୋନୀତ ହୋଇଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଗୁରୁଜୀ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଗୁରୁଜୀ/ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ହସ୍ତୀ ଦିବସ ପାଳିତ




ପାରଳାଖେମୁଣ୍ଡି,୧୨।୮ (ସମିସ): ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ପାରଳାଖେମୁଣ୍ଡି ବନଖଣ୍ଡର ବିଭିନ୍ନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟତଃ ହାତୀଙ୍କ ଗତିବିଧି କ୍ଷେତ୍ର ଭାବରେ ଚିହ୍ନଟ ହୋଇଥିବା ଚନ୍ଦ୍ରଗିରି ଏବଂ କାଶୀନଗର ରେଞ୍ଜରେ ସଚେତନତା ବ୍ୟାପକ କରାଯାଇଥିଲା। କାଶୀନଗର ବନାଞ୍ଚଳର ସାରା ରେଞ୍ଜରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଶୋଭାଯାତ୍ରା କରାଯାଇଥିଲା। ଖାଣ୍ଡବା ପଞ୍ଚାୟତରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ବନକର୍ମଚାରୀ, ସ୍ଥାନୀୟ ଜନପ୍ରତିନିଧି, ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଚନ୍ଦ୍ରଗିରି ରେଞ୍ଜର ବିଭିନ୍ନ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏପରି ସଚେତନତାର ଲକ୍ଷ୍ୟ ହାତୀ ସଂରକ୍ଷଣ ଉପରେ ସଚେତନତା, ମଣିଷ-ହାତୀ ସଂଘର୍ଷ ହ୍ରାସ ଏବଂ ଜଙ୍ଗଲ ପରିସଂସ୍ଥାନରେ ହାତୀର ପରିବେଶଗତ ଗୁରୁତ୍ୱକୁ ଉଜାଗର କରିବା ବୋଲି ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଶ୍ରୀ ନାଗାରାଜୁ କହିଥିଲେ।

## ମନ୍ତ୍ରୀଙ୍କ ମହେନ୍ଦ୍ରଗିରି ଉନ୍ନୟନ କାର୍ଯ୍ୟ ତଦାରଖ

ରାୟଗଡ,୧୨।୮ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍‌କୁ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଜେନା ମଙ୍ଗଳବାର ଦିନିକିଆ ଗସ୍ତରେ ଆସି ମହେନ୍ଦ୍ରଗିରି ପରିଦର୍ଶନ ସହ ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିଥିଲେ। ଏହାସହ ନୂତନ ଭାବେ ଭୋଜନ ମଣ୍ଡପ, ଯୁଧିଷ୍ଠିର ମନ୍ଦିର ଠାରୁ କୁନ୍ତୀ ମନ୍ଦିର ପର୍ଯ୍ୟନ୍ତ ଗାର୍ଡୱାଲ୍ ନିର୍ମାଣ, ଆଶ୍ରମ ଗୃହର ମରାମତି ଆଦି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଉପଜିଲ୍ଲାପାଳ ଅନୁପ ପଣ୍ଡା, ପିଏ ଆଇଟିଡିଏ ଅଂଶୁମାନ ମହାପାତ୍ର, ବିଡିଓ ସନ୍ତୋଷ କୁମାର ବାରିକ, ମହେନ୍ଦ୍ରଗିରି ଉନ୍ନୟନ ପରିଷଦ ସମ୍ପାଦକ କାମଦେବ ବଡ଼ନାୟକ, ବରିଷ୍ଠ ଟ୍ରଷ୍ଟ ସଦସ୍ୟ ଅନ୍ତର୍ଯ୍ୟାମୀ ଗମାଙ୍ଗ, ମାନସ ରଞ୍ଜନ ପଟ୍ଟନାୟକ, ସନିଆ ଧାଙ୍ଗଡ଼ା ଭୂୟାଁଙ୍କ ସମେତ ଅଞ୍ଚଳବାସୀ ଓ କର୍ମୀ ଉପସ୍ଥିତ ଥିଲେ।



## ଆଇନ ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୨।୮ (ସମିସ): ଗୁମ୍ମା ବ୍ଲକ ତୁମୁଳ ପଞ୍ଚାୟତ ସଦରମହକୁମାରେ ଥିବା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣ ଯୋଜନା ଏବଂ ପାଠରେ ଡୋରି ବାନ୍ଧିଥିବା ପିଲାଙ୍କୁ ପୁଣି ସ୍କୁଲ ମୁହାଁ କରିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକାରଣ ସଚିବ ବିମଳ ରାଉଳ ଅଧ୍ୟକ୍ଷତା କରି ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ଓକିଲ ସଂଘ ସଭାପତି ଜିତେନ୍ଦ୍ର ପଟ୍ଟନାୟକ, ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲେରାମ ମାରାଣ୍ଡି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟଜିତ ବେହେରା, ଏଏଲ୍‌ଓ ମାନସ ସାହୁ, ସିଆରସିସି ତୁମୁଳ ଡି.ଶ୍ରୀଧର, ତୁମୁଳ ସରପଞ୍ଚ ସଲମାନ୍ ରଇତ ଓ ଶଶୀରେଖା ବିଶୋୟୀ ଜନସାଧାରଣଙ୍କୁ ବିଭିନ୍ନ କଲ୍ୟାଣ ଯୋଜନାର ବ୍ୟବସ୍ଥା, ଲାଭ ଓ ପ୍ରକ୍ରୀୟା ବିଷୟରେ ସଚେତନ କରିଥିଲେ। ବିଦ୍ୟାଳୟ ଛାଡ଼ିଦେଇଥିବା ଶିଶୁମାନଙ୍କୁ ପୁନଃ ଭର୍ତ୍ତି ଦ୍ମନ୍ତେ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ।



## ଏଏମ୍‌ସିଏସ୍ କଲେଜରେ 'ହର ଘର ତିରଙ୍ଗା' ଶୋଭାଯାତ୍ରା

ଟିକାବାଲି,୧୨।୮ (ସମିସ): ଟିକାବାଲି କଲେଜ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ନେତୃତ୍ୱରେ 'ହର ଘର ତିରଙ୍ଗା' ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୫ ଶହରୁ ଅଧିକ ଛାତ୍ରଛାତ୍ରୀ ଶହେ ମିଟର ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ। ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଜ୍ଞାନରଞ୍ଜନ ଭୋଇ, ଅଧ୍ୟାପିକା ଚମ୍ପା ସୋରେନ, ଶିବାନୀ କହଁର, ସ୍ମୃତିରେଖା ନାୟକ, ସ୍ମିତା ସାହୁ, ଅଧ୍ୟାପକ ନରେନ୍ଦ୍ର ଡିଗାଲ, ଖେଳ ଶିକ୍ଷକ ଧର୍ମଚାନ୍ଦ ନାୟକ, ବିଶ୍ୱଜିତ ସିଂ ଦଳବେହେରା, ପୂର୍ବତନ ଛାତ୍ର ରୁଦ୍ର ନାରାୟଣ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ଛାତ୍ର ତଥା ସାଂସଦ ପ୍ରତିନିଧି ଜିତେନ୍ଦ୍ର ଡାକୁଆ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବ୍ଲକସ୍ତରୀୟ ମାସିକ ସମୀକ୍ଷା ବୈଠକ

ଟିକାବାଲି,୧୨।୮ (ସମିସ): ଟିକାବାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ସମସ୍ତ ସିଆରସିସି, ହିସାବ ରକ୍ଷକଙ୍କୁ ନେଇ ଅଗଷ୍ଟ ମାସର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ବିନୋଦିନୀ ସାମଲ ଓ ଗଣେଶ୍ୱର କହଁର ମଞ୍ଚାସୀନ ଥିଲେ। ବୈଠକରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରାରୋପଣ ସହ ସାର୍ଟିଫିକେଟ ଅପଲୋଡ ଶତ ପ୍ରତିଶତ ପ୍ରତ୍ୟେକ ବିଦ୍ୟାଳୟରେ ଯେପରି କରିବେ, ୟୁ-ଡାଇସ ପ୍ଲସରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ତଥ୍ୟ, ଶିକ୍ଷାର୍ଥୀ ଓ ବିଦ୍ୟାଳୟର ତଥ୍ୟ ଯେପରି ଦୁଇଦିନ ମଧ୍ୟରେ କାର୍ଯ୍ୟ ସରିବ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ଏହାସହ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ କମିଟି ଗଠନ କରି ପିଲାମାନେ ଯେପରି ବିଦ୍ୟାଳୟ ବାହାରେ ରହିବେ ନାହିଁ ସେଥିପାଇଁ ସଚେତନତା ବାର୍ତ୍ତା ପ୍ରତି ବିଦ୍ୟାଳୟ, ଗ୍ରାମରେ ଓ ପଞ୍ଚାୟତରେ କରାଯିବ ସେଥିପାଇଁ ପ୍ରତ୍ୟେକ ଶିକ୍ଷକ/ଶିକ୍ଷୟିତ୍ରୀ ଓ ସିଆରସିସି ଦାୟିତ୍ୱ ନେଇ ପରିଚାଳନା କରିବାକୁ ଆଲୋଚନା କରାଯାଇଥିଲା। ଆସନ୍ତା ୧୬ରେ ହେବାକୁ ଥିବା ସ୍ୱତନ୍ତ୍ର ଅଭିଭାବକ ଶିକ୍ଷକ/ଶିକ୍ଷୟିତ୍ରୀ ବୈଠକରେ କ'ଣ ସବୁ କାର୍ଯ୍ୟକ୍ରମ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହାପରେ 'ହର ଘର ତିରଙ୍ଗା' କାର୍ଯ୍ୟକ୍ରମ, ହାଉସ ଡ୍ରେସ ବଣ୍ଟନ, ବିଜ୍ଞାନ ମେଳା ପାଇଁ ପିଲାଙ୍କୁ ପଞ୍ଜୀକରଣ କରିବା ଓ ପ୍ରଥମ ଗଠନ ମୂଳକ ମୂଲ୍ୟାୟନ ଯେପରି ପ୍ରତ୍ୟେକ ବିଦ୍ୟାଳୟରେ ହେବ ସେଥିପ୍ରତି ଯତ୍ନବାନ ହେବାକୁ କୁହାଯାଇଥିଲା। ଶେଷରେ ଗଦଗୁଡା ସିଆର୍‌ସିସି ପବିତ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ଲାଲମୋହନ କହଁର, ମୁରଲୀ ପଲେଇ, ଜ୍ୟୋତ୍ସ୍ନାରାଣୀ ଜେନା, ଶୁଭସ୍ମୃତି ଦାଶ, ଜୟ ପ୍ରକାଶ ପାତ୍ର, ଉମେଶ ଦୁଗାଲ, ବିଷ୍ଣୁ ପ୍ରସାଦ ହୋତା, ରବିନାରାୟଣ ସାହୁ ଓ ଅରବିନ୍ଦ ମହାପାତ୍ର ଉପସ୍ଥିତ ଥିଲେ।

## ଡାକ୍ତରବାଞ୍ଜିରି ଗ୍ରାମବାସୀଙ୍କୁ ଆଇନ ସହାୟତା ଯୋଗାଇବ କ୍ଲାପ୍ ସଂସ୍ଥା

ପାରଳାଖେମୁଣ୍ଡି,୧୨।୮ (ସମିସ): ବହୁ ଚର୍ଚ୍ଚିତ ଡାକ୍ତରବାଞ୍ଜିରି ଗ୍ରାମର ପ୍ରଭାବିତଙ୍କୁ ଆଇନଗତ ସହାୟତା ପାଇଁ କଟକ ସ୍ଥିତ ଆଇନ ସେବା ସଂସ୍ଥା (କ୍ଲାପ) କମିଟି ସହାୟତାର ହାତ ବଢାଇଛି। ଆଜି କ୍ଲାପ ପକ୍ଷରୁ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଡାକ୍ତରବାଞ୍ଜିରି ଗ୍ରାମରେ ଆଇନ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲ୍ଲା ପରିଷଦ ସଦସ୍ୟ ଏସ୍. ବାଲାରାଜୁ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ବିଭୁପ୍ରସାଦ ଛୁଆଲ୍‌ସିଂ ଓ ସେବା ଫାଉଣ୍ଡେସନର ଅଧ୍ୟକ୍ଷା ଅଳକା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ପରେ ପ୍ରଭାବିତ ନିଜ ଗ୍ରାମରେ ଉପୁଜିଥିବା ସମସ୍ୟାକୁ ନେଇ ଶିବିରରେ ଯୋଗ ଦେଇଥିଲେ। ଏହି ସମସ୍ୟାକୁ କିପରି ଭାବେ ଆଇନ ସାହାଯ୍ୟରେ ଦୂରୀକରଣ କରାଯାଇପାରିବ, ତାହା ମଧ୍ୟ ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲା। ଯଦି ଆବଶ୍ୟକ ହୁଏ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯିବ ବୋଲି କ୍ଲାପ ଆଇନ ସେବା ସଂସ୍ଥା ତରଫରୁ ଆଶ୍ୱାସନା ଦିଆଯାଇଥିଲା। ଉକ୍ତ ଶିବିରରେ କ୍ଲାପ ସଂସ୍ଥାର ସନ୍ତୋଷ କୁମାର ପ୍ରଧାନ, ଲିଗାଲ ଆଡ଼ଭାଇଜର ଚନ୍ଦ୍ରଦେବ ପୁରୋହିତ ପରିଚାଳନା କରି ସମସ୍ୟା ସମ୍ବନ୍ଧୀୟ ଦଲିଲପତ୍ର ସଂଗ୍ରହ କରିଥିଲେ। କ୍ଲାପର ସଭାପତି ଡ. ବିକାଶ ଦାସଙ୍କ ପରାମର୍ଶରେ କିପରି ଭାବେ ଯଥା ଶୀଘ୍ର ଏହି ସମସ୍ୟାକୁ ସମାଧାନ କରାଯାଇପାରିବ ତାହା ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି ସଂସ୍ଥା କହିଛି।



## ଆନ୍ଦୋଳନ ପାଇଁ ପ୍ରଦେଶ କିଷାନ କଂଗ୍ରେସର ପ୍ରସ୍ତୁତି



ପାରଳାଖେମୁଣ୍ଡି,୧୨।୮ (ସମିସ): ପ୍ରଦେଶ କିଷାନ କଂଗ୍ରେସ ତରଫରୁ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆସନ୍ତା ଅକ୍ଟୋବର ମାସରେ ହେବାକୁ ଥିବା ଆନ୍ଦୋଳନ ସମ୍ପର୍କରେ ଜିଲ୍ଲା କିଷାନ କଂଗ୍ରେସର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୋହନା ବିଧାୟକ ଦାଶରଥୀ ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ କୃଷି ଓ କୃଷକର ଦୟନୀୟ ସ୍ଥିତିକୁ ନେଇ ଆଲୋଚନା ହୋଇଥିଲା। ରାଜ୍ୟ ଓ ଗଜପତି ଜିଲ୍ଲାରେ ବିଜେପି ସରକାର ସମୟରେ କୃଷି ତଳିତଳାନ୍ତ ହେବା ସହ କୃଷକ ଦୟନୀୟ ସ୍ଥିତିରେ ରହିଥିବା ଶ୍ରୀ ସାହୁ କହିଥିଲେ। ଚାଷ ପାଇଁ ଜଳସେଚନ ସଠିକ୍ ନଥିବା, ସାର ଓ କୀଟନାଶକ ବାଟମାରଣା ହେଉଛି ବୋଲି ଶ୍ରୀ ସାହୁ ଅଭିଯୋଗ କରିଥିଲେ। ସମସ୍ତ ବଳକା ଧାନ ସରକାର ଟୋକନ୍ ଛଳନା ନଦେଖାଇ କିଣିବା, ଫସଲବୀମା ସଠିକ୍ ଭାବେ ଦେବା, ପରିବାରର ସମସ୍ତଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯିବାକୁ ଦାବି କରାଯାଇଥିଲା। ୫୫ ବର୍ଷ ବୟସରେ ସମସ୍ତ ଚାଷୀ ଓ ଭାଗ ଚାଷୀଙ୍କୁ ୧୦ ହଜାର ଟଙ୍କା ଭତ୍ତା, ବିଧାନସଭାରେ ସ୍ୱତନ୍ତ୍ର କୃଷକ ଭତ୍ତା ଆଇନ ଆଣିବାକୁ ମଧ୍ୟ ଦାବି କରାଯାଇଥିଲା। ସରକାର ନ ମାନିଲେ ଅକ୍ଟୋବର ଓ ନଭେମ୍ବର ମାସରୁ କିଷାନ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ସାହୁ କହିଥିଲେ। ଶେଷରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା, ଅଭିମନ୍ୟୁ ପଣ୍ଡା, ସଂଜୟ ଅଧିକାରୀ, ସୂର୍ଯ୍ୟନାରାୟଣ ପାତ୍ର, ଈଶ୍ୱରଚନ୍ଦ୍ର ମାଝୀ, ଜସ୍ମିନ ଶେଖ୍ ଓ ସଂଗ୍ରାମ ସାହୁ ପ୍ରମୁଖ ନେତାଙ୍କ ସମେତ କର୍ମୀ ଉପସ୍ଥିତ ଥିଲେ।

## ପାରଳାରେ କଂଗ୍ରେସର ପ୍ରେସ୍‌ମିଟ୍

# 'ଚୋରି କରି ଭୋଟ୍ ନେଇ ଗାଦିରେ ବସିଛି ବିଜେପି'

### 'ଓଡ଼ିଶାରେ ୪୨ ଲକ୍ଷ ଭୋଟ୍ ଚୋରି ହୋଇଛି'

ପାରଳାଖେମୁଣ୍ଡି,୧୨।୮ (ସମିସ)




ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭୋଟ ଚୋରିକୁ ନେଇ କଂଗ୍ରେସର ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୋହନା ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ଦାଶରଥି ଗମାଙ୍ଗ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷତା କରି ଭୋଟ ଚୋରିକୁ ନେଇ ନିର୍ବାଚନ ଆୟୋଗଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେ କହିଛନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଚୋରି ପାଇଁ ଆୟୋଗ ସହଯୋଗ କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଏହି ଖବର ପ୍ରଚାର ପ୍ରସାର ହୋଇସାରିଛି। ଶ୍ରୀ ଗମାଙ୍ଗ କହିଛନ୍ତି ବିଜେପି ଚୋରି କରି ଭୋଟ ନେଇ ନଥିଲେ ଗାଦିରେ ବସିପାରିନଥାନ୍ତା। ଇଭିଏମ୍‌ରେ ଭୋଟ ଚୋରି ହୋଇଛି। ଏହି କାରଣରୁ ବାଲାଟ୍ ପେପରରେ ନିର୍ବାଚନ ଆୟୋଗ ବିଧାନସଭା ଓ ଲୋକସଭା ନିର୍ବାଚନ କରିବାକୁ ଦାବି କରିଥିଲେ। ଅତିଶୀଘ୍ର ଭୋଟ୍ ଚୋରିର ସତ୍ୟାସତ୍ୟ ସାମନାକୁ ଆଣିବା ପାଇଁ କଂଗ୍ରେସ ଦାବି କରିଛି ଏବଂ ଗଣମାଧ୍ୟମକୁ ସରକାର ସୂଚନା ଦେବାକୁ ଦାବି କରିଛି। ଏପରିକି ଓଡ଼ିଶାରେ ୪୨ ଲକ୍ଷ ଭୋଟ ଚୋରି ହୋଇଥିବା ଭଳି ଏକ ସମ୍ବେଦନଶୀଳ ଅଭିଯୋଗ ଆଣିଛନ୍ତି ଶ୍ରୀ ଗମାଙ୍ଗ। ସେହିପରି ଅନେକ ରାଜ୍ୟରେ ଭୋଟ ଚୋରି ହୋଇଥିବା କହିଛନ୍ତି। ସରକାର ନୈତିକତା ଦୃଷ୍ଟିରୁ ଏହି ଭୋଟ୍ ଚୋରିର ସତ୍ୟତା ସାମ୍ନାକୁ ଆଣନ୍ତୁ ଏବଂ ନିର୍ବାଚନ ସ୍ୱଚ୍ଛତାକୁ ନେଇ କଂଗ୍ରେସକୁ ପ୍ରମାଣ ଦିଅନ୍ତୁ। ନଚେତ୍ କଂଗ୍ରେସ ଏହାର ପ୍ରତିବାଦ କରିବ ବୋଲି ଶ୍ରୀ ଗମାଙ୍ଗ କହିଛନ୍ତି।

